# ଜୁଲାଇରେ ପହଞ୍ଚିବ ବାୟୁସେନାର ୬ଟି ରାଫେଲ



ନୂଆଦିଲ୍ଲୀ, ୨୯।୬/ଏଜେନ୍ସି : ଜୁଲାଇ ୨୭ରେ ଫ୍ରାନ୍ସରୁ ପ୍ରଥମ ପର୍ଯ୍ୟାୟ ରାଫେଲ ଲଢୁଆ ଜେଟ୍ ହରିଆଣାର ଅମ୍ବାଲା ସହରରେ ପହଞ୍ଚିବ। ମିଳିଥିବା ରିପୋର୍ଟ ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୬ଟି ରାଫେଲ ଜେଟ୍ ଭାରତରେ ପହଞ୍ଚିବ। ଦକ୍ଷିଣ ଫ୍ରାନ୍ସରେ ଥିବା ଆଇଷ୍ଟ୍ରେସ୍ କମ୍ୟୁନରୁ ଭାରତୀୟ ପାଇଲଟ୍‌ମାନେ ହରିଆଣାର ଅମ୍ବାଲାକୁ ଏହି ରାଫେଲ ଜେଟ୍‌କୁ ଉଡାଣ କରିବେ। ବାଟରେ ୟୁଏଇର ଏଆଇ ଧାଫ୍ରା ଏୟାର ବେସ୍‌ରେ ସେମାନେ ଥରେ ମାତ୍ର ରହିବେ। ୫୯,୦୦୦ କୋଟି ଟଙ୍କା ବିନିମୟରେ ଭାରତ ଫ୍ରାନ୍ସରୁ ୩୬ଟି ରାଫେଲ ଜେଟ୍ କିଣିବାକୁ ଚୁକ୍ତି କରିଛି। ଏହି ରାଫେଲ ଜେଟ୍‌ଗୁଡ଼ିକୁ ଦୁଇଟି ସ୍କ୍ୱାର୍ଡନରେ ବିଭକ୍ତ କରାଯିବ। ଗୋଟିଏ ସ୍କ୍ୱାର୍ଡନ ପଶ୍ଚିମ ସେକ୍ଟରର ଅମ୍ବାଲାରେ ଏବଂ ଅନ୍ୟଟି ପଶ୍ଚିମବଙ୍ଗର ହାସିମାରା ଏୟାରବେସ୍‌ରେ ମହଜୁଦ ରହିବ।

NITIDIN
Tue, Jun 30, 2020
http://odishanewsnitidin.com